ଧରିତ୍ରୀ
DHARITRI

## ୬୨୪ଜଣ ନେଲେ ଟିକା

**ଜଟଣୀ,(ଡି.ଏନ୍.ଏ.):** କରୋନା ସଂକ୍ରମଣ ରୋକିବା ପାଇଁ ରାଜ୍ୟରେ ଟିକାକରଣ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏବଂ ଶିକ୍ଷା ମନ୍ତ୍ରଣାଳୟ, ଭାରତ ସରକାରଙ୍କ ସହଯୋଗରେ ଆଇଆଇଟି ଭୁବନେଶ୍ୱରର ସମସ୍ତ ଶିକ୍ଷାର୍ଥୀ, ଅଧ୍ୟାପକଙ୍କ ସମେତ ସେମାନଙ୍କର ପରିବାର ସଦସ୍ୟ, କ୍ୟାମ୍ପସରେ ବିଭିନ୍ନ ସେବା ଯୋଗାଉଥିବା ଠିକା ସଂସ୍ଥା କର୍ମଚାରୀ, ହର୍ଟିକଲଚର କର୍ମଚାରୀଙ୍କୁ ଟିକା ଦିଆଯାଇଛି। ୪ଟି ପର୍ଯ୍ୟାୟରେ ଭୁବନେଶ୍ୱର ଏବଂ ଖୋର୍ଦ୍ଧାର ୩ଟି କେନ୍ଦ୍ରରେ ୬୨୪ଜଣଙ୍କୁ ଏହି ଟିକା ଦିଆଯାଇଛି। ଟିକାକରଣ ପରେ କୌଣସି ପାର୍ଶ୍ୱ ପ୍ରତିକ୍ରିୟା ଦେଖାଯାଇ ନ ଥିବା ବେଳେ ସମସ୍ତେ ନିଜ କାର୍ଯ୍ୟରେ ଯୋଗଦେଇଥିଲେ ବୋଲି ଆଇଆଇଟି ଲୋକ ସମ୍ପର୍କ ବିଭାଗ ପକ୍ଷରୁ କୁହାଯାଇଛି।